ସମାଜ
90 YEARS OF EXCELLENCE
1919 - 2010
ନିଯୁକ୍ତି
Every Mon
www.samajae
ସମା

# କ୍ୟାମ୍ପସ ମନୋନୟନରେ ନିଯୁକ୍ତି

ଭୁବନେଶ୍ୱର : ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ଏଥର କ୍ୟାମ୍ପସ ମନୋନୟନରେ ରେକର୍ଡ ସଂଖ୍ୟକ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ପ୍ରଦାନ କରିଛି । ବିଭିନ୍ନ କଲେଜର ମୋଟ ୬୮୦ ଜଣ ଛାତ୍ରଛାତ୍ରୀ ନିଯୁକ୍ତି ସୁଯୋଗ ହାସଲ କରିଛନ୍ତି । ଇଞ୍ଜିନିୟରିଂରେ ୨୦୧୦ ପାସ୍ ବ୍ୟାଚ୍‌ର ୪୬୮ ଜଣ ଛାତ୍ରଛାତ୍ରୀ କ୍ୟାମ୍ପସ ଚୟନରେ ନିଯୁକ୍ତି ସୁଯୋଗ ହାସଲ କରିଛନ୍ତି । ଏହି କାର୍ଯ୍ୟକ୍ରମ ଆଇଟିଆର୍ କ୍ୟାମ୍ପସରେ ଅନୁଷ୍ଠିତ ହୋଇଥିଲା । ଇନ୍‌ଫୋସିସ୍‌ରେ ୧୯୮ ଜଣ ଟିସିଏସ୍‌ରେ ୧୬୧ ଜଣ, ଓ୍ୱିପ୍ରୋରେ ୬୧, ଅଦାନି ଗ୍ରୁପରେ ୧୬, ବେଦାନ୍ତରେ ୧୩ ଓ ଜେନ୍‌ସାର୍ ଟେକ୍‌ନୋଲଜିରେ ୯ ଜଣ ଛାତ୍ରଛାତ୍ରୀ ନିଯୁକ୍ତି ପାଇଛନ୍ତି । କମ୍ପ୍ୟୁଟର ସାଇନ୍‌ସ ଓ ଆଇଟି ବିଭାଗର ପ୍ରାୟ ସମସ୍ତ ଛାତ୍ରଛାତ୍ରୀ ନିଯୁକ୍ତି ସୁଯୋଗ ହାସଲ କରିଛନ୍ତି । ଚଳିତବର୍ଷ କ୍ୟାମ୍ପସ ଚୟନ ପାଇଁ ରେକର୍ଡ ସଂଖ୍ୟକ କମ୍ପାନୀ ଆଇଟିଆର୍ ଆସିବାକୁ ଆଗ୍ରହ ପ୍ରକାଶ କରିଛନ୍ତି । ସମସ୍ତ ଛାତ୍ରଛାତ୍ରୀ ଫାଇନାନ୍‌ସିଆଲ ଏଜେନ୍‌ସି, ଭାରତୀ ଆକ୍ସା ଲାଇଫ, ମହିନ୍ଦ୍ରା ଫାଇନାନ୍‌ସ, ରିଲାଏନ୍‌ସ ଭାରତୀ ଏୟାରଟେଲ, ସିସୋର, ରୁଫ, ଟାଟା ଇଣ୍ଡିକମ୍, ଫୋନିକ୍ସ, ଦର୍ଶନ ଓ ପ୍ରିଣ୍ଟଲିଙ୍କ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଆସନ୍ତା ମାସରେ କୋଟାକ ମହିନ୍ଦ୍ରା, ଜିନ୍ଦଲ, ଏସିଆନ୍ ପେଣ୍ଟସ୍, ବେଦାନ୍ତ, ଏଚ୍‌ଡିଏଫ୍‌ସି ଲାଇଫ ଓ ଫ୍ୟୁଚର ଗ୍ରୁପ କ୍ୟାମ୍ପସ୍ ଚୟନରେ ଭାଗ ନେବାକୁ ସହମତି ପ୍ରକାଶ କରିଛନ୍ତି । ଛାତ୍ରଛାତ୍ରୀମାନଙ୍କ ଏଭଳି ସଫଳତାରେ ବିଶ୍ୱବିଦ୍ୟାଳୟର ସଭାପତି ଡକ୍ଟର ମନୋରଞ୍ଜନ ନାୟକ ଛାତ୍ରଛାତ୍ରୀ ତଥା କର୍ମଚାରୀମାନଙ୍କୁ କୃତଜ୍ଞତା ଜଣାଇଛନ୍ତି ।